# ବାଲେଶ୍ୱର : ପୂର୍ବତନ ସୈନିକଙ୍କ ସିକ୍ୟୁରିଟି ସଂସ୍ଥାରେ ବ୍ୟାପକ ଭଙ୍ଗାରୁଜା
# ୭୩ ହଜାର ଟଙ୍କା ଲୁଟ୍, ଭୁଜାଲି ମାଡ଼ରେ ଦୁଇ ଆହତ

ବାଲେଶ୍ୱର : ଗତକାଲି ରାତିରେ ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଡାନୁଗଞ୍ଜ ଗୋଲେଇ ଠାରେ ଥିବା ଜଣେ ଅବସରପ୍ରାପ୍ତ ସୈନିକଙ୍କ ବ୍ୟାବସାୟିକ କାର୍ଯ୍ୟାଳୟରେ ପ୍ରାୟ ୩୫ ଜଣ ଯୁବକ ଆକ୍ରମଣ କରିବା ଫଳରେ ଦୁଇଜଣ ଗୁରୁତର ଆହତ ହୋଇଥିବା ବେଳେ ସମ୍ପୃକ୍ତ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା କରି ୭୩ ହଜାର ଟଙ୍କା ଲୁଟିନେବା ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

ସୈନ୍ୟବାହିନୀରୁ ଅବସର ନେବା ପରେ ଉତ୍ତରପ୍ରଦେଶର ଆଗ୍ରା ଜିଲ୍ଲାର ରାମ ସଂଜୀବନୀ ସିଂ (୭୫) ଆଜକୁ ୨୩ ବର୍ଷ ଧରି ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ସହଦେବଖୁଣ୍ଟା ଅଞ୍ଚଳରେ ସ୍ଥାୟୀ ବାସିନ୍ଦା ଭାବେ ରହୁଛନ୍ତି । ସେ ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଡାନୁଗଞ୍ଜ ଗୋଲେଇ ଠାରେ କୋଷ୍ଟାଲ ଇଣ୍ଟେଲିଜେନ୍ସି ସିକ୍ୟୁରିଟି ସର୍ଭିସ ନାମକ ଏକ ସରକାରୀ ପଞ୍ଜିକୃତ ସଂସ୍ଥା ଖୋଲିଛନ୍ତି । ସେଥି ସାଂଗକୁ ଦୁଇଟି ଟ୍ରକ୍ କିଣି ପରିବହନ ବ୍ୟବସାୟ କରନ୍ତି । ଗତକାଲି ରାତିରେ ଅନ୍ୟଏକ ଟ୍ରକ୍ ମାଲିକ ମଧୁସୂଦନ ମାଝି (୫୨) ସେଠାରେ ପହଞ୍ଚି ଶ୍ରୀ ସିଂଙ୍କ କାର୍ଯ୍ୟାଳୟରୁ କିଛି ଜିନିଷପତ୍ର ଓ ଟ୍ରକର ଯନ୍ତ୍ରାଂଶ ଆଣୁଥିବାବେଳେ ମଧୁସୂଦନଙ୍କ ଦୁଇଜଣ ସାନଭାଇ ଦିଲୀପ ମାଝି (୪୦) ଏବଂ ନାରାୟଣ ମାଝି (୪୫)ଙ୍କ ସହ ଅନ୍ୟ ୩୫ ଜଣ ଗୁଣ୍ଡା ଶ୍ରେଣୀର ଯୁବକ ଏକ ଧଳା ଆମ୍ବାସଡର କାର୍‌ରେ ଓ ୧୦ଟି ମୋଟର ସାଇକେଲରେ ପହଞ୍ଚି ଅତର୍କିତ ଆକ୍ରମଣ କରିଥିଲେ । ପ୍ରଥମେ ଏକ ଭୁଜାଲିରେ ମଧୁସୂଦନ ମାଝିଙ୍କୁ ଏକ ଚୋଟ ମାରିବା ବେଳେ ଶ୍ରୀ ସିଂଙ୍କ ପୁଅ ପପୁ ଓରଫ ଗଜେନ୍ଦ୍ର ସିଂ (୩୪) କଣ ହେଲା ବୋଲି କହି ଠେଲି ଦେବାରୁ ନିଶ୍ଚିତ ମୃତ୍ୟୁମୁଖରୁ ମଧୁସୂଦନ ମାଝି ବର୍ତ୍ତିଯାଇଛନ୍ତି । ମଧୁସୂଦନ ଜୀବନ ଭୟରେ ଏକ ଟେବୁଲ ତଳେ ଗଳିଯାଇଥିଲେ । କ୍ରୋଧାନ୍ୱିତ ଯୁବକମାନେ ପପୁଙ୍କୁ ନିସ୍ତୁକ ମାଡମାରି ଧରାଶାୟୀ କରିବା ପରେ ସଂପୃକ୍ତ କାର୍ଯ୍ୟାଳୟରେ ସମସ୍ତ ଟେବୁଲ, ଚେୟାର ଓ ଆଲମିରା

ଭାଙ୍ଗି ଚୁରମାର କରିଦେଇ ତହିଁରେ ଥିବା ୭୩ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି । ଏସଂପର୍କରେ ରାମ ସଂଜୀବନୀ ଖବର ପାଇ କାର୍ଯ୍ୟାଳୟରେ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ମଧୁସୂଦନ ମାଝିଙ୍କୁ ସଙ୍ଗରେ ଧରି ଶିଳ୍ପାଞ୍ଚଳ ଥାନାରେ ପହଞ୍ଚି ଏତଲା ଦେଇଥିଲେ ହେଁ ଏହି ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୋଲିସର କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଅଭିଯୁକ୍ତମାନେ ଦିବାଲୋକରେ ବୁଲିବୁଲି ଓଲଟା ଧମକ ଦେଉଥିବାର ଶ୍ରୀ ସିଂ ଅଭିଯୋଗ କରିଛନ୍ତି । ପୋଲିସର ଏତାଦୃଶ ଆଚରଣକୁ ସାଧାରଣରେ ନିନ୍ଦା କରାଯାଇଛି ।

# ବିଜେପି ୧୭୭ ଜଣିଆ ତାଲିକା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କଲା

ଭୁବନେଶ୍ୱର : ବିଭିନ୍ନ ସମବାୟ ସମିତି ଓ ନିଗମଗୁଡିକରେ ନିଯୁକ୍ତି ନିମନ୍ତେ ବିଜେପି ପକ୍ଷରୁ ଆଜି ଚୂଡାନ୍ତ କରାଯାଇଥିବା ୧୭୭ ଜଣିଆ ତାଲିକା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି । ଏଥିସହିତ ମନ୍ତ୍ରିମଣ୍ଡଳରେ ପୁନର୍ବାର ପ୍ରଦୀପ୍ତ ନାୟକଙ୍କୁ ଗ୍ରହଣ କରିବା ପାଇଁ ବିଜେପି ମୁଖ୍ୟମନ୍ତ୍ରୀଙ୍କୁ କହିଛି ।

ନିଗମ ଓ ସମବାୟ ସମିତି ତଥା ଅନ୍ୟାନ୍ୟ ରାଜନୈତିକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବିଜେପି ପକ୍ଷରୁ ଚୂଡାନ୍ତ ତାଲିକା ପ୍ରଦାନ କରାଯାଇନଥିଲା । ଏଥିପାଇଁ ଗତକାଲି ବିଜେପି ଓଡ଼ିଶା ଦାୟିତ୍ୱରେ ଥିବା ଜାତୀୟ ସାଧାରଣ ସମ୍ପାଦକ ବିନୟ କଟିୟାର ଓଡ଼ିଶା ଆସିଥିଲେ । ରାଜ୍ୟ କାର୍ଯ୍ୟାଳୟଠାରେ ଗତକାଲି ସଂଧ୍ୟାରେ ସେ ପାର୍ଟିର କୋର୍ କମିଟି ବୈଠକ ଡକାଇ ଏ ସମ୍ପର୍କରେ ଆଲୋଚନା କରିବା ସହ ତାଲିକା ଚୂଡାନ୍ତ କରାଯାଇଥିଲା । ରାଜ୍ୟ ସଭାପତି ସାଂସଦ ଜୁଏଲ ଓରାମ ପୂର୍ବରୁ ପ୍ରସ୍ତୁତ ତାଲିକା ଶ୍ରୀ କଟିୟାରଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ଏବଂ ସାମାନ୍ୟ ଅଦଳବଦଳ ପରେ ଏହା ଅନୁମୋଦିତ ହୋଇଥିଲା । ଆଜି ସକାଳୁ ସଭାପତି ଶ୍ରୀ ଓରାମଙ୍କ ସହ ବିଜେପି ବିଧାୟକ ଦଳ ନେତା, ଶିଳ୍ପ ଓ ଆଇନମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, ଉପନେତା ରାଜସ୍ୱ ଓ ଖାଦ୍ୟ ଯୋଗାଣ ତଥା ଖାଉଟି କଲ୍ୟାଣ ମନ୍ତ୍ରୀ ମନମୋହନ ସାମଲ, ସାଂସଦ ସୁରେନ୍ଦ୍ର ଲାଠ ପ୍ରମୁଖ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ । ସେମାନେ ଚୂଡାନ୍ତ ହୋଇଥିବା ୧୭୭ ଜଣିଆ ତାଲିକାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । ଏଥିସହିତ ମୁଖ୍ୟମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରେ ପୁନର୍ବାର ପ୍ରଦୀପ୍ତ ନାୟକଙ୍କୁ ନେବା ଲାଗି ପ୍ରସ୍ତାବ ରଖିଥିଲେ । ପରେ ପୁଣି ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ବାସଭବନରେ ଏହି ନେତୃବୃନ୍ଦଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଶ୍ରୀ କଟିୟାର ମଧ୍ୟ ଉପସ୍ଥିତ ରହିଥିଲେ । ରାଜ୍ୟରେ ଦଳର ସାଙ୍ଗଠନିକ ସ୍ଥିତି, ସରକାରୀ କାର୍ଯ୍ୟକ୍ରମରେ ଭାଗିଦାରିତା ଏବଂ ଅନ୍ୟ ରାଜନୈତିକ ପ୍ରସଙ୍ଗ ନେଇ ବୈଠକରେ ଆଲୋଚନା କରାଯାଇଥିଲା ।

ଉଲ୍ଲେଖଯୋଗ୍ୟ କି, ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ନିଗମ ଏବଂ ସମବାୟ ସଂସ୍ଥାଗୁଡିକରେ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତି କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି । ବିଜେଡି ବହୁ ପୂର୍ବରୁ ଏ ସମ୍ପର୍କିତ ତାଲିକା ଚୂଡାନ୍ତ କରିଥିଲେ ହେଁ ବିଜେପି ପକ୍ଷରୁ ଚୂଡାନ୍ତ ତାଲିକା ଦିଆଯାଇ ନଥିବାରୁ ଅଦ୍ୟାବଧି ଏହାକୁ ଘୋଷଣା କରାଯାଇନାହିଁ । ତେବେ ଆଜି ବିଜେପି ତା'ର ତାଲିକା ଦେବା ପରେ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଏହା ଘୋଷଣା ହୋଇପାରେ ବୋଲି ଜଣାଯାଇଛି ।

# ଭୁବନେଶ୍ୱରରେ ଆଇଆଇଟି ଖଡଗପୁର କ୍ୟାମ୍ପସ୍ କରିବ

ଭୁବନେଶ୍ୱର, ତା ୨୨।୭ (ପିଏନ୍ଏସ୍) : ଆଇଆଇଟି ଖଡଗପୁର ରାଜଧାନୀ ଭୁବନେଶ୍ୱରଠାରେ ଏକ କ୍ୟାମ୍ପସ୍ ଖୋଲିବାକୁ ଯାଉଛି । ଏଠାରେ ଖଡଗପୁର ଭଳି ୫ ହଜାର ଛାତ୍ରଛାତ୍ରୀ ପାଠ ପଢିବାର ସୁଯୋଗ ପାଇବେ । ଜୈବ ବିଜ୍ଞାନ, ଧାତୁ ବିଜ୍ଞାନ, ଖଣି ଏବଂ ଅନ୍ୟ ସମସ୍ତ ନୂଆ ପାଠ୍ୟକ୍ରମ ଏହି କ୍ୟାମ୍ପସରେ ଶିକ୍ଷା ଦିଆଯିବ । ଆଜି ଆଇଆଇଟି ଖଡଗପୁରର ନିର୍ଦ୍ଦେଶକ ପ୍ରଫେସର ଏସ୍.କେ. ଦୁବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ବୈଠକ କାଳରେ ସ୍ଥିର ହୋଇଥିଲା ଯେ, ରାଜ୍ୟ ସରକାର ପ୍ରସ୍ତାବିତ କ୍ୟାମ୍ପସ ପାଇଁ ଜମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବେ । ତେବେ ଏ ସଂକ୍ରାନ୍ତରେ ଆଇଆଇଟି ପକ୍ଷରୁ ମାସକ ମଧ୍ୟରେ ଏକ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବ । ଏହି ପ୍ରକଳ୍ପ ରିପୋର୍ଟରେ ପ୍ରସ୍ତାବିତ କ୍ୟାମ୍ପସ୍‌ର ପୂର୍ଣ୍ଣାଙ୍ଗ ରୂପରେଖ ଓ ଆବଶ୍ୟକତା ରହିବ । ସରକାର ଏହି ରିପୋର୍ଟ ପାଇବା ପରେ ଜମି ଚିହ୍ନଟ କରି ଯୋଗାଇ ଦେବେ । ଓଡ଼ିଶାରେ ଥିବା ବିଭିନ୍ନ ଇଞ୍ଜିନିୟରିଂ କଲେଜଗୁଡିକର ଶିକ୍ଷାଦାନ ପଦ୍ଧତିକୁ ଉନ୍ନତ କରିବା ପାଇଁ ଆଉ ଏକ ଗବେଷଣା ଓ ବିକାଶ କେନ୍ଦ୍ର ମଧ୍ୟ ଭୁବନେଶ୍ୱରଠାରେ ଖୋଲାଯିବ । ଆଇଆଇଟି ଖଡ଼ଗପୁରର ଏହି କ୍ୟାମ୍ପସ୍ ୨୫୦ ଏକର ଜମି ଉପରେ ପ୍ରତିଷ୍ଠା ହେବ ଏବଂ ଏଥିରେ ୮୦୦ କୋଟି ଟଙ୍କା ବ୍ୟୟ କରାଯିବ । ଏଥିପାଇଁ ଆଇଆଇଟି ଖଡଗପୁରକୁ ସରକାର ସମସ୍ତ ସହାୟତା ଯୋଗାଇ ଦେବେ । ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଦ୍ରୁତ ଶିଳ୍ପାୟନ ସମ୍ପର୍କରେ ଉଲ୍ଲେଖ କରି ଆଇଆଇଟି ଖଡଗପୁରର ଏହି କ୍ୟାମ୍ପସ ମାନବ ସମ୍ବଳ ବିକାଶରେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ ।